୪ର୍ଥ ସ୍ବନକ୍ଷତ୍ର
ସକାଳ THE SAKALA
www.sakalaepaper.com
ଆମ ଜିଲ୍ଲା

# ବଢୁଛି ବାଲି ଚୋରା ଚାଲାଣ




ନାୟାହାଟ,୬।୧୨(ସମିସ): ବାଲି ମାଫିଆମାନେ ଦେବୀ ନଦୀର ଗୁଣ୍ଡର ଓ ଶିଖରଘାଟରୁ ପ୍ରତିଦିନ କାକଟପୁର, ଅସ୍ତରଙ୍ଗ, ଗୋପ ଓ ନିଆଳି ଅଞ୍ଚଳକୁ ଶହ ଶହ ଟ୍ରିପ୍ ବାଲି ବିନା କାଗଜପତ୍ରରେ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ବାଲି ଗାଡ଼ି ଫର୍ମ ଜାଲିଆତି କରି ହଜାରେ ଟଙ୍କା ଲେଖା ପ୍ରତି ଗାଡ଼ିଠାରୁ ବେଆଇନ୍ ଭାବେ ଆଦାୟ କରାଯାଉଛି। ବାଲି ଗାଡ଼ି ପିଛା ସାତ ହଜାର ଟଙ୍କା ଲେଖାଏଁ ପ୍ରତି ଟ୍ରିପ୍‌ରେ ନିଆଯାଉଛି। ଓଭରଲୋଡ୍ ହୋଇ ଆସିବା ନିୟମ ନଥିବା ବେଳେ ମାଫିଆମାନେ ଡମ୍ଫରରେ ମନଇଚ୍ଛା ବାଲି ଓଭରଲୋଡ୍ କରି ନ ଘୋଡ଼େଇ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହେଉଛି। ଶିଖର ଘାଟଠାରୁ ନୟାହାଟ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ନିଷେଧ ଥିଲାବେଳେ ବାଲି ବୋଝେଇ ଗାଡ଼ି ଆସିବା ଦ୍ୱାରା ରାସ୍ତା ନଷ୍ଟ ହେଉଛି। ଏ ଦିଗରେ ପୂର୍ବରୁ ମାଇନିଂ ଅଧିକାରୀଙ୍କୁ ପଚାରିବାରେ ସେ କହିଥିଲେ ଯେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ମାସେ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏ ଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

● ଜିପିଡିଓଙ୍କ ବଦଳି ବାତିଲ ଦାବି

# ଜିଲ୍ଲାପାଳଙ୍କୁ ଭେଟିଲେ ଜନପ୍ରତିନିଧି

ଡେଲାଙ୍ଗ,୬।୧୨(ସମିସ): ଡେଲାଙ୍ଗ ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ (ଜିପିଡିଓ) ରତିକାନ୍ତ ସାହୁଙ୍କ ବଦଳି ବାତିଲ କରିବାକୁ ଡେଲାଙ୍ଗ ବ୍ଲକର ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟାମାନେ ପୁରୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ, ଡେଲାଙ୍ଗ ବ୍ଲକର ଉନ୍ନୟନ କାର୍ଯ୍ୟଭାର ସମ୍ଭାଳୁଥିବା ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ ଗତ ଅଗଷ୍ଟ ମାସରେ ଅବସର ଗ୍ରହଣ କରିଥିଲେ। ତେବେ ଶ୍ରୀ ନାୟକଙ୍କ ଅବସର ପରେ ଡେଲାଙ୍ଗ ବ୍ଲକରେ ଏହି ପଦବୀ ଖାଲି ପଡିଥିବା ବେଳେ ଉନ୍ନୟନ କାର୍ଯ୍ୟ ଗୁଡିକର ଜିପିଡିଓ ଶ୍ରୀ ସାହୁ ତଦାରଖ କରୁଥିଲେ। ଅନ୍ୟପକ୍ଷରେ ଗତ ନଭେମ୍ବର ମାସ ୨୬ ତାରିଖରେ ଶ୍ରୀ ସାହୁଙ୍କର ନିମାପଡା ବ୍ଲକକୁ ବଦଳି ନିର୍ଦ୍ଦେଶ ଆସିବା ପରେ ଏହି ପଦବୀ ଖାଲି ପଡିବା ସହିତ ୨ଜଣ ଦକ୍ଷ ଅଧିକାରୀଙ୍କ ଅନୁପସ୍ଥିତିରେ ଡେଲାଙ୍ଗ ବ୍ଲକରେ ଉନ୍ନୟନ କାର୍ଯ୍ୟ ସବୁ ଧିମେଇଯିବ ବୋଲି ଆଶଙ୍କା କରାଯାଉଛି। ଏନେଇ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ନେତୃତ୍ୱରେ ସରପଞ୍ଚ ଗୋବର୍ଦ୍ଧନ ସେଠୀ, ଶେଷଦେବ ବାରିକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଜୟନ୍ତୀ ବରାଳ, ପ୍ରମିଳା ସେନାପତି, ରଜନୀ ସାସମଲ, ସମିତି ସଭ୍ୟ ରବୀନ୍ଦ୍ର ପ୍ରଧାନ, ନରେନ୍ଦ୍ର ପ୍ରଧାନ, ସମିତି ସଭ୍ୟା ମଞ୍ଜୁଲତା ହାତୀ, ରିତାଞ୍ଜଳୀ ପ୍ରଧାନ ପ୍ରମୁଖ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରି ଶ୍ରୀ ସାହୁଙ୍କ ବଦଳି ବାତିଲ କରିବା ସହ ପୁନଶ୍ଚ ତାଙ୍କୁ ଡେଲାଙ୍ଗ ବ୍ଲକକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି।

# ଉଚ୍ଚପ୍ରାଥମିକ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର



ଡେଲାଙ୍ଗ,୬।୧୨(ସମିସ): ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ଡେଲାଙ୍ଗ ବ୍ଲକର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ପ୍ରାଥମିକସ୍ତରରେ ଶିକ୍ଷଣ ସ୍ତରକୁ ସରଳ ଓ ଫଳପ୍ରଦ କରିବା ଲକ୍ଷ୍ୟନେଇ ସମଗ୍ର ଶିକ୍ଷା ଅନୁକୂଲ୍ୟାରେ ଆୟୋଜିତ ଏହି ୩ ଦିନିଆ ପ୍ରଶିକ୍ଷଣ ଶିବିରରେ ଡେଲାଙ୍ଗ ବ୍ଲକର ୩୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ଯୋଗଦେଇ ପ୍ରଶିକ୍ଷଣର ଉପାଦେୟତାକୁ ସଠିକ ଭାବେ ବିଦ୍ୟାଳୟସ୍ତରରେ ପ୍ରୟୋଗ କରାଗଲେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷଣ ସରଳ ଓ ଫଳପ୍ରଦ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଦିଗମ୍ବର ରଥ, ରବୀନ୍ଦ୍ର କୁମାର ନାୟକ, ସୂର୍ଯ୍ୟକାନ୍ତ ନାୟକ, ପବିତ୍ର ପଣ୍ଡା ପ୍ରମୁଖ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ରବୀନ୍ଦ୍ର ବେହେରା, ଦେବେନ୍ଦ୍ର ବେହେରା, ମନୋରଞ୍ଜନ ଜେନା, ବଳରାମ ନାୟକ, କେଦାର ବେହେରା, କୃଷ୍ଣ ନାୟକ, ଟିକେଇ ଦଳାଇ, ଶିକ୍ଷୟିତ୍ରୀ ପ୍ରସାଦିନୀ ପରିଡା, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସନ୍ତୋଷ ମିଶ୍ର ଓ ଅଭୟ ଚରଣ ସାହୁ ପ୍ରଶିକ୍ଷଣ ନିର୍ଯ୍ୟାସ ଉପସ୍ଥାପନ କରିଥିବା ବେଳେ ଶିକ୍ଷୟିତ୍ରୀ କବିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଣାର୍କ ସାହିତ୍ୟ ଆସର

# 'ଭାଷା ହିଁ ଗୋଟିଏ ଜାତିର ଅସ୍ମିତା'




କୋଣାର୍କ,୬।୧୨(ସମିସ): ମଣିଷର ଭାବ ପ୍ରକାଶର ପ୍ରମୁଖ ମାଧ୍ୟମ ହେଉଛି ଭାଷା। ଭାଷା ସାହିତ୍ୟର ପ୍ରାଣ। ସାହିତ୍ୟ ଗୋଟିଏ ଜାତିର ଇତିହାସ, ପରମ୍ପରା ଓ ସଂସ୍କୃତିର ପ୍ରତିଫଳନ। ଓଡ଼ିଆ ଭାଷା ହିଁ ଓଡ଼ିଆ ଜାତିର ଅସ୍ମିତାର ପରିଚାୟକ ବୋଲି ବିଶିଷ୍ଟ ବିଦ୍ୱାନମାନେ କୋଣାର୍କ ଉତ୍ସବ ଅବସରରେ ଆୟୋଜିତ 'କୋଣାର୍କ ସାହିତ୍ୟ ଆସର'ରେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଗୁରୁବାର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଣାର୍କ ସାହିତ୍ୟ ଆସର-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସବିତା ପ୍ରଧାନ ମୁଖ୍ୟ ଅତିଥିରୂପେ ଯୋଗଦେଇ ଏହି ସାରସ୍ୱତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସାହିତ୍ୟିକ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ ମୁଖ୍ୟବକ୍ତା, ପ୍ରାଚୀ ସଂସ୍କୃତିର ଗବେଷକ ଡକ୍ଟର ତ୍ରିନାଥ ପଟ୍ଟନାୟକ ସମ୍ମାନିତ ବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ନୃତ୍ୟବିଦୁଷୀ ଡକ୍ଟର ସୁଜାତା ମହାପାତ୍ର ଓ ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀ ଯୋଗଦେଇ 'ଭାଷା ଓ ଅସ୍ମିତା' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ସବିତା ପ୍ରଧାନ ଓଡ଼ିଆ ଭାଷା ବିକାଶର ବିଜ୍ଞାନଭିତ୍ତିକ ଦିଗ ସଂପର୍କରେ ଏବଂ ପ୍ରଫେସର ଆଦିକନ୍ଦ ସାହୁ ଓଡ଼ିଆ ଜାତିର ଅସ୍ମିତାର ସୁରକ୍ଷା କ୍ଷେତ୍ରରେ ସଂପ୍ରତି ମାତୃଭାଷା ଓଡ଼ିଆକୁ ରାଜଭାଷା ରୂପେ ବ୍ୟବହାର କରିବା ଦିଗରେ ପ୍ରଶାସନିକ କଳର ଉଦାସୀନତା ସଂପର୍କରେ ବିଶଦ ଆଲୋଚନା କରିଥିଲେ। ସମାଜର ତୃଣମୂଳସ୍ତରରୁ ଓଡ଼ିଆ ଭାଷାର ଶୁଦ୍ଧ ବ୍ୟବହାରକୁ ସୁନିଶ୍ଚିତ କରିବା ପ୍ରତ୍ୟେକ ଓଡ଼ିଆଙ୍କର ଧ୍ୟେୟ ହେବା ଉଚିତ୍ ବୋଲି ଡକ୍ଟର ତ୍ରିନାଥ ପଟ୍ଟନାୟକ ମତପୋଷଣ କରିଥିଲେ।

କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ଆସରରେ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି। ଏହି ଅବସରରେ ସାହିତ୍ୟ 'ଧରମା'ର ସପ୍ତମ ସଂଖ୍ୟାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଚଳିତବର୍ଷ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବରିଷ୍ଠ ସାହିତ୍ୟିକ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କୁ ଅର୍କପ୍ରଜ୍ଞା ସମ୍ମାନ, ନୃତ୍ୟବିଦୁଷୀ ଡକ୍ଟର ସୁଜାତା ମହାପାତ୍ରଙ୍କୁ କୋଣାର୍କ ଉତ୍ସବ ସମ୍ମାନ, ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀଙ୍କୁ ସାମ୍ବାଦିକ ସଂଗ୍ରାମ ସ୍ମୃତି ସମ୍ମାନ, ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳଙ୍କୁ ଲେଖକ ବଳରାମ ମିଶ୍ର ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ଗଗନ ବିହାରୀ ସ୍ୱାଇଁଙ୍କୁ ଅର୍କସ୍ୱର ସମ୍ମାନ, ଶିକ୍ଷୟିତ୍ରୀ ଲତିକା ମହାପାତ୍ରଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, ଡକ୍ଟର ସୁଚିତ୍ରା ରଥଙ୍କୁ ଅର୍କସୁଧା ସମ୍ମାନ ଓ ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥଙ୍କୁ କୋଣାର୍କ ସେବା ସମ୍ମାନ ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ କୋଣାର୍କ ଉତ୍ସବର ପ୍ରଚ୍ଛଦପଟରେ ରହି ପ୍ରଶଂସନୀୟ ଭୂମିକା ନିର୍ବାହ କରି ଆସୁଥିବା ଓଡ଼ିଶା ସଂଗୀତ ନାଟକ ଏକାଡେମୀର କର୍ମଚାରୀ ଭବାନୀ ଚରଣ ପଣ୍ଡା, ଭାବଗ୍ରାହୀ ସାହୁ ଓ ଦେବେନ୍ଦ୍ରନାଥ ମହାପାତ୍ରଙ୍କୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପକ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ଅଧ୍ୟାପିକା ଡକ୍ଟର ସରୋଜିନୀ ପାଣି। ଦ୍ୱିତୀୟ ଅଧିବେଶନରେ ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ଓ ଗଳ୍ପ ପଠନ କାର୍ଯ୍ୟକ୍ରମରେ ଅତିଥିରୂପେ ଯୋଗ ଦେଇଥିଲେ କବି ରକ୍ଷକ ନାୟକ, କବି ଉମାକାନ୍ତ ମହାପାତ୍ର ଓ କବି ଭଗବାନ ସାହୁ। କବି ମହେନ୍ଦ୍ର କୁମାର ଦାଶ ଓ କବୟିତ୍ରୀ କଳ୍ପନା ମିଶ୍ରଙ୍କ ସଂଯୋଜନାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କବି ଓ ଗାଳ୍ପିକ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ସାରସ୍ୱତ ଆସର ପ୍ରାରମ୍ଭରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଗୋଟିପୁଅ କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସମାଜସେବୀ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର ଉପଦେଷ୍ଟା ଗୋପୀନାଥ କର, ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର କୁମାର ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ଗୀତାଞ୍ଜଳି ସାହୁ, ଈଶାନ ମହାନ୍ତି, ପ୍ରଦୀପ କୁମାର ପ୍ରଧାନ, ନିଳାଦ୍ରୀ ସାହୁ, ସବିତା ରଥ, ବାମଦେବ ଆଲୁକ, ପ୍ରିୟରଞ୍ଜନ ରଥ, ଦିଲ୍ଲୀପ କୁମାର ନାୟକ ଓ ଅଭୟ କୁମାର ଲେଙ୍କା ପ୍ରମୁଖ ସାରସ୍ୱତ ଆସର ପରିଚାଳନାରେ ସହଯୋଗ କରିଥିଲେ।

## ବାରବାଟୀ କପ୍ କ୍ରିକେଟ୍

# ଫାଇନାଲରେ ଭୁବନେଶ୍ୱରର ଏମ୍‌ସିସି




ନିମାପଡ଼ା,୬।୧୨(ସମିସ): ନିମାପଡ଼ାସ୍ଥିତ ବାରବାଟୀ ପଡ଼ିଆରେ ଚାଲିଥିବା ଟୁବୁଲି ମେମୋରିଆଲ ଓ ବାରବାଟୀ କପ୍‌ର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ମହାବୀର ସ୍ପୋର୍ଟିଂ ପୁରୀକୁ ହରାଇ ଏମ୍‌ସିସି କ୍ଲବ, ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଏମ୍‌ସିସି କ୍ଲବ ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୨୫ ଓଭରରେ ୯ ୱିକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ୪୬ ବଲରେ ୫୮ ରନ୍ ଓ ସୁମିତ ଭୂୟାଁ ୩୧ ବଲରେ ୩୭ ରନ୍ ସଂଗ୍ରହ କରିଥିଲେ। ମହାବୀର ସ୍ପୋର୍ଟିଂ ବୋଲର ଅନିଲ ପ୍ରଧାନ ୫ ଓଭରରେ ୨୭ ରନ୍ ଦେଇ ୩ ୱିକେଟ୍ ଏବଂ ରଘୁ ଶର୍ମା ୫ ଓଭରରେ ୨୫ ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ମହାବୀର ସ୍ପୋର୍ଟିଂ ୨୫ ଓଭରରେ ୯ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ଜେନା ୪୮ ବଲ ଖେଳି ୫୪ ରନ୍ ଓ ପଦ୍ମଲୋଚନ ପଣ୍ଡା ୨୬ ବଲ୍‌ରେ ୨୩ ରନ୍ ସଂଗ୍ରହ କରିଥିଲେ। ଏମସିସିର ବୋଲର ଆଶୁତୋଷ ରାୟ ୫ ଓଭରରେ ୩୩ ରନ ଦେଇ ୩ ୱିକେଟ୍ ଓ ମିନାଲ ପରିଡା ୫ ଓଭରରେ ୨୪ ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିଥିଲେ। ଅମ୍ପାୟର ଭାବେ ନିର୍ମଳ କୁମାର ମିଶ୍ର ଓ ଅୟଶକାନ୍ତ ମିଶ୍ର ଆଜିର ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଚିନ୍ମୟ ଦାସ ଓ ଅନିଶ ପ୍ରଧାନ ସ୍କୋରର ଦାୟିତ୍ୱ ଗ୍ରହଣ କରିଥିଲେ। ଆଜିର ମ୍ୟାଚ୍‌ରେ ବିଜୟୀ ଦଳର ଆଶୁତୋଷ ରାୟଙ୍କୁ ମ୍ୟାନ୍ ଅଫ ଦ୍ ମ୍ୟାଚ୍ ବିବେଚିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବଣିକର ଏମ୍‌ଡି ସୁବ୍ରତ ଛାଟୋଇ, ସମ୍ମାନିତ ଅତିଥିଭାବେ ନିମାପଡ଼ାର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଲୋକନାଥ ସାହୁ ଓ ପୂର୍ବତନ କାଉନସିଲର ଅରୁଣ କୁମାର ଦାଶ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କୁରାଳ ପଞ୍ଚମୀ ପର୍ବ ପାଳିତ

ବଳଙ୍ଗା,୬।୧୨(ସମିସ): ମାର୍ଗଶୀର ମାସ ଶୁକ୍ଳ ପଞ୍ଚମୀଠାରୁ ପାଞ୍ଚ ଦିନ ବ୍ୟାପୀ କୁମ୍ଭକାରମାନଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ଆରମ୍ଭ ହୋଇଥାଏ। ଏହି ପର୍ବରେ କୁମ୍ଭକାରମାନେ ହାଣ୍ଡି ଗଢ଼ା କାର୍ଯ୍ୟ ବନ୍ଦ ରଖି ସେମାନଙ୍କର ହାଣ୍ଡିଗଢ଼ା ସରଞ୍ଜାମ ଯଥା ଚକ, ପିଣ୍ଡ, ପିଟଣାକୁ ପୂଜାରେ ବସାଇଥାନ୍ତି। ସମସ୍ତ କୁମ୍ଭକାରମାନେ ଅତି ଶୁଦ୍ଧପୁତ ଭାବେ ହବିଷ୍ୟାନ୍ନ ଭୋଜନ ପୂର୍ବକ ସେମାନଙ୍କ ଇଷ୍ଟ ଦେବତା ରୁଦ୍ରପାଳ ଏବଂ ରତ୍ନେଶ୍ୱରୀଙ୍କୁ ଲକ୍ଷ୍ମୀ ନାରାୟଣ ରୂପେ ପୂଜା କରିଥାଆନ୍ତି। ବେରବୋଇ, ଅରେଇ ସାହୀ, ଭୁତୁପଦା ପ୍ରଭୃତି କୁମ୍ଭକାର ବସବାସ କରୁଥିବା ଗ୍ରାମ ଗୁଡ଼ିକରେ ଏହି ପର୍ବ ଧୁମଧାମରେ ପାଳନ କରାଯାଉଛି। ବିଭିନ୍ନ ସ୍ଥାନରେ ସାର୍ବଜନୀନ ପୂଜା ମଣ୍ଡପ ସ୍ଥାପନ କରାଯାଇ ରୁଦ୍ରପାଳ ରତ୍ନେଶ୍ୱରୀଙ୍କ ପୂଜା ଚାଲିଛି। ପାଞ୍ଚ ଦିନରେ ପାଞ୍ଚ ପ୍ରକାର ଭୋଗ କରାଯିବାର ପରମ୍ପରା ରହିଛି। ପ୍ରଥମ ଦିନରେ ସାଧା ଅନ୍ନ, ଦ୍ୱିତୀୟ ଦିନରେ କେବଳ ପିଠା, ତୃତୀୟ ଦିନରେ ଦହିପଖାଳ, ଚତୁର୍ଥ ଦିନ ଖେଚୁଡ଼ି ଏବଂ ପଞ୍ଚମ ଦିନ ଚକୁଳି ଭୋଗ କରାଯାଇଥାଏ।

# ଶାବଳ ମାଡ଼ରେ ଦିନମଜୁରିଆ ଗୁରୁତର

ଚାରିଛକ,୬।୧୨(ସମିସ): ଚାରିଛକ ଥାନା ଅନ୍ତର୍ଗତ ଶ୍ରୀକୋଇଲି ଗ୍ରାମର ଜଣେ ଯୁବକଙ୍କ ଶାବଳ ପାହାରରେ ଜଣେ ଦିନମଜୁରିଆ ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାଯାଇଛି ଯେ ଏହି ଥାନା ଅନ୍ତର୍ଗତ ଆଇଁଶମୂଳ (ଜୋରଡିହ) ଗ୍ରାମର ସାଧୁ କାଣ୍ଡି ନିକଟସ୍ଥ ଦଣ୍ଡିକିରା ଗ୍ରାମର କାଳିଆ ପରିଡାଙ୍କ ବିଲରେ ଆଜି ଧାନ କାଟୁଥିବା ସମୟରେ ତାଙ୍କୁ ଶୋଷ କରିବାରୁ ନିକଟରେ ଥିବା ଶ୍ରୀକୋଇଲି ଗ୍ରାମର ରାଜା ସାମଲଙ୍କ ନଳକୂଅରୁ ପାଣି ପିଉଥିଲେ। ରାଜା ହଠାତ ରାଗିଯାଇ ଗାଳିଗୁଲଜ କରିବା ସହ ନଳକୂପକୁ କାହିଁକି ଛୁଇଁଲୁ ବୋଲି କହିବା ସହ ଏକ ଲୁହା ଶାବଳରେ ସାଧୁଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ସାଧୁଙ୍କ ପତ୍ନୀ ସେଠାରେ ପହଞ୍ଚି ସାଧୁଙ୍କୁ ଉଦ୍ଧାର କରିବା ସମୟରେ ରାଜା ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସାଧୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ସାଧୁଙ୍କ ପତ୍ନୀ ଶଇଳ ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି।

# କାର୍-ବାଇକ୍ ଧକ୍କା; ଯୁବକ ଗୁରୁତର

ନିମାପଡ଼ା,୬।୧୨(ସମିସ): ନିମାପଡା-କୋଣାର୍କ ରାସ୍ତାର ଦିଘାଳୋ ଛକ ନିକଟରେ ଶୁକ୍ରବାର ଏକ କାର୍ ସହ ବାଇକ୍ ଧକ୍କା ହେବା ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବାଇକ୍ ଚାଳକ ଜଣକ ହେଲେ, ବାଲିପାଟଣା ଥାନା ଅନ୍ତର୍ଗତ ସରିପୁର ଗ୍ରାମର ଜିତେନ୍ଦ୍ର ସେଠୀ (୩୦)। ସେହିପରି ନିମାପଡା-ପିପିଲି ରାସ୍ତାର ପେଟାଘାଇ ଛକ ନିକଟରେ ପିପିଲି ପଟୁ ଆସୁଥିବା ଏକ କାର୍ ମଝି ରାସ୍ତାରେ ଥିବା ଡିଭାଇଡର ଉପରେ ଚଢ଼ି ଯାଇଥିଲା। ତେବେ କାର୍‌ରେ ଥିବା ଚାରିଜଣ ବ୍ୟକ୍ତି ଅଳ୍ପକେ ରକ୍ଷା ପାଇଯାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ନିମାପଡା,୬।୧୨(ସମିସ): ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ନିମାପଡା-ଅଠାନ୍ତର ମୁଖ୍ୟ ରାସ୍ତାର ନିମାପଡ଼ା ଥାନା ଅଧୀନ ଖର୍ଚ୍ଚୁକା ଶଙ୍ଖ ନିକଟରେ ଚଢ଼ଉ କରି ବ୍ରାଉନସୁଗର ଜବତ କରିବା ସହ ଜଣକୁ ଗିରଫ କରିଛି। ସେ ହେଲା, ଅନିଲ କୁମାର ରାଉତ (୩୨)। ତା' ନିକଟରୁ ୧୧୫ ଗ୍ରାମ୍ ବ୍ରାଉନସୁଗର ଓ ଏକ ବାଇକ୍ ଜବତ କରାଯାଇଛି। ନିମାପଡା ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ତାକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅନିଲକୁ ନିମାପଡା ଉପ-କାରାଗାରକୁ ପଠାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୧୧ ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଚଢ଼ଉରେ ଅବକାରୀ ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, କର୍ମଚାରୀ ତପନ କୁମାର ପ୍ରଧାନ, ସ୍ୱାଗତିକା ଘଢ଼େଇ, ସେକ୍ ୱାରିସ, ସବିତା ସାହୁ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

DSPL-238



ସତ୍ୟମେବ ଜୟତେ

ସଶସ୍ତ୍ର ସେନା ପତାକା ଦିବସ ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୪ ଅବସରରେ, ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ସଶସ୍ତ୍ର ବାହିନୀର ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ। ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା, ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କର ଦେଶପ୍ରେମ, ବୀରତ୍ୱ, ବଳିଦାନ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି।

ଏହି ଅବସରରେ ଗର୍ବର ସହିତ ସଶସ୍ତ୍ର ବାହିନୀର ପତାକା ଧାରଣ କରି ଏବଂ ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଦାନ କରି ସମଗ୍ର ଦେଶ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା, ଭିନ୍ନକ୍ଷମ ସୈନିକଙ୍କ ପୁନଃଥଇଥାନ ପାଇଁ ସହାନୁଭୂତି ଏବଂ ସମର୍ଥନ ଜଣାଇଥାଏ।

ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ନାଗରିକମାନଙ୍କୁ ନିବେଦନ କରୁଛି ଯେ, ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଉଦାର ହୃଦୟରେ ଦାନ କରନ୍ତୁ।

ଜୟ ହିନ୍ଦ !

(ରଘୁବର ଦାସ)
ରାଜ୍ୟପାଳ, ଓଡ଼ିଶା



ସଶସ୍ତ୍ର ସେନା ପତାକା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା

ଡିସେମ୍ବର ୭, ୨୦୨୪ ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ, ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗ ତଥା ସୀମାନ୍ତରେ ମୁତୟନ ଥିବା ସମସ୍ତ ସେନାନୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ଆମ ଦେଶକୁ କେବଳ ବାହ୍ୟ ବିପଦରୁ ନୁହେଁ ବରଂ ଆଭ୍ୟନ୍ତରୀଣ ବିଦ୍ରୋହ, ଆତଙ୍କବାଦ ତଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନକୁ ସାହାଯ୍ୟ କରିବାରେ ସଶସ୍ତ୍ର ବାହିନୀ ନିଜ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛି। ସଶସ୍ତ୍ର ବାହିନୀର ଅନେକ ସାହସୀ ଏବଂ ନିର୍ଭୀକ ବୀରମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ସହିଦ ହୋଇଛନ୍ତି। ଏହି ଦିନଟି ଆମର ବୀର ତଥା ସାହସୀ ସୈନିକମାନଙ୍କୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପ୍ରତି ଆମର ଦୃଢ଼ ସମର୍ଥନ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ।

ଏହି ଐତିହାସିକ ଦିବସ ଅବସରରେ, ମୁଁ ଓଡ଼ିଶାର ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସେବାରତ, ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା ତଥା ଭିନ୍ନକ୍ଷମ ସୈନିକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଓ ପୁନଃଥଇଥାନ ନିମନ୍ତେ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରନ୍ତୁ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0001/2425

# ମାତୃ ଶିଶୁ ୱାର୍ଡରେ ଅସରପାଙ୍କ ଦୌରାତ୍ମ୍ୟ

ନୟାଗଡ଼, ୬।୧୨(ସମିସ)

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାତୃ ଶିଶୁ ଚିକିତ୍ସା ବିଭାଗ କୋଠା ଶିଶୁମାନଙ୍କୁ ସଂକ୍ରମଣରୁ ଦୂରେଇ ରଖିବା ପରିବର୍ତ୍ତେ ବଢ଼ାଉଛି ବୋଲି ରୋଗୀ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ୱାର୍ଡର ବିଭିନ୍ନ ସ୍ଥାନ ସହିତ ଶଯ୍ୟା ଉପରେ ମାଳ ମାଳ ଛୁଆ

- ଶିଶୁଙ୍କ କାନ, ନାକରେ ପଶିଯିବା ଭୟ
- ବେଡ୍‌ରେ ଛୁଆଙ୍କୁ ଶୁଆଉ ନାହାନ୍ତି ସମ୍ପର୍କୀୟ



ଅସରପା ଚାଲୁଥିବା ଦେଖିବାକୁ ମିଳୁଛି। କୋଠାର ୨ନଂ ମହଲାରେ ରହିଥିବା ପ୍ରସୂତି ୱାର୍ଡରେ ଅସରପା ଛୁଆଙ୍କ ପ୍ରାଦୁର୍ଭାବ ଯୋଗୁଁ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଶଯ୍ୟା ପାଖରେ ଔଷଧ ରଖିବାକୁ ଦିଆଯାଇଥିବା ଟେବୁଲ ପଛକୁ ଲାଗି କାନ୍ଥରେ ମାଳ ମାଳ ଅସରପା ଛୁଆ ରହିଥିବା ବେଳେ ଶଯ୍ୟା ଉପରେ ବୁଲୁଥିବା ଦେଖିବାକୁ ମିଳିଛି। ଫଳରେ ଲୋକମାନେ ନବଜାତ ଶିଶୁକୁ ଶଯ୍ୟା ଉପରେ ରଖିବାକୁ ସୁରକ୍ଷିତ ମଣୁନାହାଁନ୍ତି। କାରଣ ଶିଶୁଙ୍କ କାନ କିମ୍ବା ନାକରେ ଅସରପା ପଶି ଯିବାର ଭୟ ରହୁଛି।

ଏପଟେ ସଫେଇ ଦାୟିତ୍ୱରେ ରହିଥିବା କର୍ମଚାରୀମାନେ କେବଳ ଚଟାଣକୁ ସଫେଇ କରି ପଳାଉଥିବା ବେଳେ ଅନ୍ୟ ସ୍ଥାନଗୁଡ଼ିକ ସଫେଇ ହୋଇପାରୁନାହିଁ। ଦୀର୍ଘଦିନ ଧରି ସଫେଇ ହୋଇପାରୁନଥିବା ସ୍ଥାନ ଗୁଡ଼ିକରେ ଅସରପା ବସା କରି ଛୁଆ ଦେଇଛନ୍ତି। ଯାହା ସଫେଇ କର୍ମଚାରୀଙ୍କ ଅବହେଳାକୁ ସ୍ପଷ୍ଟ କରୁଛି। ସେହିଭଳି ଭେଷଜ ୱାର୍ଡରେ ମଧ୍ୟ ଅସରପାଙ୍କ ଦୌରାତ୍ମ୍ୟ ନେଇ ଅଭିଯୋଗ ହେଉଛି। ଅସରପା ମରା ଔଷଧ ନଥିବାରୁ ଏହି ସମସ୍ୟାର ସମାଧାନ ହେଉନଥିବା ସାଧାରଣରେ ଅଭିଯୋଗ ହେଉଛି।

ଏନେଇ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଜୟ କୁମାର ବାହିନୀପତି କହିଛନ୍ତି, ଅସରପା ବାହାରୁଥିବା ନେଇ ଅଭିଯୋଗ ପରେ ସଫେଇ କର୍ମଚାରୀଙ୍କୁ ପଠାଇଛୁ। ସେଠାରେ ଅସରପା କେଉଁଠୁ ଆସୁଛନ୍ତି ଜଣାପଡୁନି। ଅସରପାଙ୍କୁ ହଟାଇବା ଲାଗି ଔଷଧ ଅଣାଯିବ ବୋଲି ସେ କହିଛନ୍ତି।

# ଶିଶୁ ଓ ମାତୃ ଚିକିତ୍ସା କୋଠାରେ ଲିଫ୍ଟ ଅଚଳ

ନୟାଗଡ଼, ୬।୧୨(ସମିସ): ନୟାଗଡ଼ ଜିଲ୍ଲା ଚିକିତ୍ସାଳୟରେ ଶିଶୁ ଓ ମାତୃ ଚିକିତ୍ସା କୋଠାରେ କାମ କରୁନି ଲିଫ୍ଟ। ଫଳରେ ରୋଗୀ ଓ ସମ୍ପର୍କୀୟଙ୍କୁ ହଟହଟା ହେବାକୁ ପଡୁଛି। ୫ମହଲା ବିଶିଷ୍ଟ କୋଠାରେ ରହିଛି ୨ଟି ଲିଫ୍ଟ। ୧ନଂ ମହଲାରେ ଲେବର ରୁମ୍ ରହିଥିବା ବେଳେ ୨ନଂ ମହଲାରେ ପ୍ରସୂତି ୱାର୍ଡ ଏବଂ ଅପରେସନ୍ ଥିଏଟର୍ ରହିଛି। ୩ନଂ ମହଲାରେ ସ୍ପେଶାଲ ନ୍ୟୁବର୍ଣ୍ଣ କେୟାର୍ ୟୁନିଟ୍ (ଏସ୍ଏନ୍‌ସିୟୁ) ରହିଛି। ୫ନଂ ମହଲାରେ ଶିଶୁଙ୍କ କାନ, ନାକ, ଗଳା, ଆଖି ଚିକିତ୍ସା ଏବଂ ଫିଜିଓଥେରାପି କକ୍ଷ ରହିଛି। ତେବେ ପ୍ରତିଦିନ ଚିକିତ୍ସାଳୟକୁ ପ୍ରସୂତିମାନେ ଆସୁଥିବା ସହ ଅସୁସ୍ଥ ଶିଶୁମାନେ ଚିକିତ୍ସା ପାଇଁ ଆସିଥାନ୍ତି। ଲିଫ୍ଟ ଅଚଳ ଯୋଗୁଁ ଅନେକ ସମୟରେ ସେମାନଙ୍କୁ ସିଡ଼ି ଚଢ଼ି ଯିବାକୁ ପଡୁଛି।




ଏଣେ ତଳ ମହଲାରେ ଥିବା ଅନ୍ୟ ଏକ ଲିଫ୍ଟ କାମ କରୁଥିବା ଚିକିତ୍ସାଳୟକର୍ତ୍ତୃପକ୍ଷ କହୁଥିବା ବେଳେ ସେଥିରେ କେବଳ ଡାକ୍ତରମାନେ ଯିବେ, ରୋଗୀ ଯାଇପାରିବେ ନାହିଁ ବୋଲି କୁହାଯାଉଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଏନେଇ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଜୟ କୁମାର ବାହିନୀପତି କହିଛନ୍ତି, ସମ୍ମୁଖରେ ଥିବା ଲିଫ୍ଟରେ ପାଣି ଗଳୁଥିବାରୁ ବନ୍ଦ ହୋଇପଡ଼ିଛି। ଏନେଇ ଜିଇଡିକୁ ଜଣାଇ ଦିଆଯାଇଛି। ଅନ୍ୟ ଲିଫ୍ଟ ଚାଲୁ ରହିଛି। ସେଥିରେ ରୋଗୀଙ୍କୁ ନିଆଯାଉଛି ବୋଲି ସେ କହିଛନ୍ତି।

# ଧାନ ଏମ୍‌ଏସ୍‌ପି ଓ ଇନ୍‌ପୁଟ୍ ସହାୟତା ବଣ୍ଟନ ପାଇଁ ବୈଠକ

ନୟାଗଡ଼, ୬।୧୨(ସମିସ): ନୟାଗଡ଼ ଷ୍ଟାଡିୟମଠାରେ ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ଏମଏସପି ସହିତ ୮୦୦ଟଙ୍କାର ଇନପୁଟ୍ ସହାୟତା ରାଶି ବଣ୍ଟନ ସମ୍ପର୍କରେ ଗତ ୪ତାରିଖରେ ହୋଇଥିବା ପ୍ରସ୍ତୁତି ବୈଠକର ଅଗ୍ରଗତି ଉପରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅପରାହ୍ଣରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ମିନି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୮ରେ ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରରେ ଏହାର ଉଦ୍‌ଘାଟନ କରିବେ। ସିଧା ପ୍ରସାରଣ ନୟାଗଡ଼ରେ ଉପସ୍ଥିତ ଚାଷୀମାନେ ଦେଖିବେ। କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଡିପିସି ମିଶନଶକ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ନିବନ୍ଧକ ସମବାୟ ସମିତି, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଭୃତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ବିଶ୍ୱଶାନ୍ତି ମହାଯଜ୍ଞର ୩ୟ ଦିବସ

# ବେଦଧ୍ୱନିରେ କମ୍ପିଲା ମଣିଭଦ୍ରା ପାଦଦେଶ



ଗଣିଆ, ୬।୧୨(ସମିସ): ଗଣିଆ ବ୍ଲକ ମଣିଭଦ୍ରା ପାଦଦେଶରେ ଅବସ୍ଥିତ ମା' କଳାପାଟଙ୍କ ପୀଠରେ ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଚାଲୁରହିଛି। ୩ୟ ଦିବସ ଶୁକ୍ରବାର ସକାଳେ ସୂର୍ଯ୍ୟପୂଜା, ପଞ୍ଚକୁଣ୍ଡୀୟ ଯଜ୍ଞସ୍ଥଳ ପୂଜା ସହ ସ୍ୱର୍ଗତଃ ବାବା ରାମଦାସଙ୍କ ପାଦୁକା ପୂଜା କରାଯାଇଥିଲା। ଭଜନ ମଣ୍ଡପରେ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ବେଦଧ୍ୱନୀ ସହ ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଯଜ୍ଞମଣ୍ଡପ ସମ୍ମୁଖରେ ନାମ ସଂକୀର୍ତ୍ତନରେ ମଣିଭଦ୍ରା ପାଦଦେଶ ପ୍ରକମ୍ପିତ ହୋଇଥିଲା। ମାଳିକା ବିଚାରର ପ୍ରବଚକ ପ୍ରମୋଦ ମହାପାତ୍ରଙ୍କ ମାଳିକା ପ୍ରବଚନ ଓ ଅପରାହ୍ଣରେ ଶିବନନାଙ୍କ ଭଜନ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

ପ୍ରକାଶ ଥାଉକି, ସ୍ୱର୍ଗତ ବାବା ରାମ ଦାସଙ୍କ ଦ୍ୱାରା ୧୯୯୩ ମସିହାରୁ ପ୍ରତିବର୍ଷ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରତିବର୍ଷ ଓଢଣୀ ଷଷ୍ଠୀରେ ହୋଇଥାଏ। ମହାଯଜ୍ଞର ୩ୟ ଦିବସରେ ଆୟୋଜିତ ସାଧୁସନ୍ଥ ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସାଧୁସନ୍ଥ ଯୋଗଦେଇଥିଲେ। ତେବେ ଏହି ପଞ୍ଚକୁଣ୍ଡୀୟ ମହାଯଜ୍ଞ, ଆନନ୍ଦ ବଜାର ଓ ଭଜନମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଧଉଳିସ୍ଥିତ ସତ୍ୟଶାନ୍ତି ସେବା ଟ୍ରଷ୍ଟର କର୍ମକର୍ତ୍ତା ତଥା ବାବା ରାମଦାସଙ୍କ ଅନୁଗାମୀମାନେ ଓ ମାଳତିପୁଟ ଗ୍ରାମବାସୀମାନେ ସୂଚାରୁ ରୂପେ ପରିଚାଳନା କରିଥିଲେ। ଅନ୍ୟପରି ବାବା ରାମଦାସଙ୍କ ଶିଷ୍ୟ ସନ୍ଥ ସେବକ ଲଳିତ ବାବାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧୁମେଳାରେ ସାଧୁସନ୍ଥମାନେ ସନାତନ ଧର୍ମ ଓ ରାଷ୍ଟ୍ରର ସୁରକ୍ଷା ନେଇ ଆଲୋଚନା କରିଥିଲେ। ଏଠାରେ ଖାଦ୍ୟ ଷ୍ଟଲରେ ବାସି ଖାଦ୍ୟ ବିକ୍ରି କରାଯାଉଥିଲେ ମଧ୍ୟ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯାଉନାହିଁ।

କଲରାପତରିଆ ମୃତ୍ୟୁ ଘଟଣା

# ବାଘନଖ ଓ ଦାନ୍ତ ଜବତ; ଜେଲ୍‌ଗଲେ ୨ ଅଭିଯୁକ୍ତ

ଖଣ୍ଡପଡ଼ା, ୬।୧୨(ସମିସ): ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ା ପଞ୍ଚାୟତ ଅଧୀନ ବୁଢ଼ିଝାରି ଗ୍ରାମର ଅନତି ଦୂରରେ ପଡ଼ିଥିବା କଲରାପତରିଆ ବାଘର ଗଳିତ ମୃତଦେହ ଉଦ୍ଧାର ଘଟଣାରେ ବନବିଭାଗ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବାବେଳେ ସେମାନଙ୍କ ଠାରୁ ବାଘନଖ, ଦାନ୍ତ, ବିଦ୍ୟୁତ ଫାଶ ବସାଇବା ସାମଗ୍ରୀ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

ପ୍ରକାଶ ଥାଉକି, ଖଣ୍ଡପଡ଼ା ବନାଞ୍ଚଳରେ ବାର୍‌ହା, କୁଟୁରା, ହରିଣ ଆଦି ବନ୍ୟଜନ୍ତୁଙ୍କ ବଂଶ ବୃଦ୍ଧି ପାଉଥିବାବେଳେ ଶିକାରୀ ବିଭିନ୍ନ ଉପାୟରେ ଶିକାର ଚାଲୁ ରଖିଛନ୍ତି। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ସୁଦ୍ଧା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଆସୁଛି। ଏହାର ସୁଯୋଗ ନେଇ ଶିକାରୀ ମାନେ ସିଂଘାପଡ଼ା ବିଟ ହାଉସ ଅଧୀନ ଦଉ ପୋଖରୀଠାରୁ ବୁଢ଼ୀଝାରି, କିଆଝର, କୋସ୍କା, ରାକେସିଆ, ଢୋଲମରା ଆଦି ଅଞ୍ଚଳରେ ଥିବା ମୁଣ୍ଡିଆ ପାହାଡ଼ ଓ ଜଙ୍ଗଲ ମଧ୍ୟରେ ବିଦ୍ୟୁତ ତାର ଫାଶ ବସାଇ ବନ୍ୟଜନ୍ତୁ ଶିକାର କରି ଆସୁଛନ୍ତି। କଲରାପତରିଆ ବାଘ ମୃତ୍ୟୁ ଘଟଣା ଗତ ନଭେମ୍ବର ୨୮ ତାରିଖରେ



ହୋଇଥିବା ବେଳେ ଶିକାରୀମାନେ ଭୟରେ ବାଘ ଟିକୁ ନ ପୋତି ନାଳ ନିକଟରେ ଘୋଡାଇ ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇଥିବାବେଳେ ତାର ନଖ ଓ ଦାନ୍ତ ଉଦ୍ଧାର କରାଯାଇଥିଲା। ସନ୍ଦେହରେ ଅଟକ ବୁଢ଼ୀଝାରି ଗ୍ରାମର ସୁକୁରୁ ପ୍ରଧାନ (୪୫) ଓ ସାରଣ୍ଡା ଗ୍ରାମର ସୁକାନ୍ତ ପ୍ରଧାନ (୨୫)ଙ୍କ ଠାରୁ ସମସ୍ତ ତଥ୍ୟ ଆଦାୟ କରାଯାଇଥିବା ଓ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାରରେ ଲାଗି କଲରାପତରିଆଟିର ମୃତ୍ୟୁ ହୋଇଥିବା ନୟାଗଡ଼ ବନଖଣ୍ଡ ଅଧିକାରିଣୀ କ୍ଷମା ଷଡଙ୍ଗୀ ସୂଚନା ଦେଇଛନ୍ତି। ଅଟକ ଉଭୟଙ୍କୁ ଏହି ଘଟଣା ମୁଖ୍ୟ ଅଭିଯୁକ୍ତ ଭାବେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖଣ୍ଡପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି।

● ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ

# ୧୬୬୪ ଲିଟର ଦେଶୀମଦ ଜବତ; ୫ ଗିରଫ

ଖଣ୍ଡପଡ଼ା, ୬।୧୨(ସମିସ): ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ଚୋରା ଦେଶୀମଦ ବେପାରୀଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଶୁକ୍ରବାର ଖଣ୍ଡପଡ଼ା ଅବକାରୀ ବିଭାଗ କୁ ବଡ଼ ସଫଳତା ମିଳିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଡେପୁଟି ସୁପରିଟେଣ୍ଡେଣ୍ଟ ସୁଚରିତା ମିଶ୍ର, ଆଇଆଇସି ହୀରା ଦଳପତି, ଏସ୍‌ଆଇ ବଳବିର ଗଡ଼ନାୟକ, ଖଣ୍ଡପଡ଼ା ଅବକାରୀ ଓଆଇସି ଦୀପକ କୁମାର ଜେନାଙ୍କ ସମେତ ଖଣ୍ଡପଡ଼ା ଥାନା କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଖଣ୍ଡପଡ଼ା ଥାନା ଅଧୀନ ବେଣାଗାଡ଼ିଆ ପଞ୍ଚାୟତ ବରକୋଳି ଗ୍ରାମ ନିକଟରୁ ଆଜି ୧୫୮୪ ଲିଟର ଦେଶୀ ମହୁଲି ମଦ ସହ ଦୁଇଟି ସ୍କୁଟି, ୩ ଇଲେକ୍ଟ୍ରୋନିକ୍ ସିଲିଂ ମେସିନ, ଏକ ମୋବାଇଲ ଫୋନ୍ ଓ ଗୋଟିଏ କାର ଜବତ ହୋଇଚି। ବରପଲି ଗ୍ରାମର ଗଣେଶ୍ୱର ସାହୁ (୪୨)ଙ୍କୁ ଗିରଫ ଅବକାରୀ ବିଭାଗ ଗିରଫ କରିଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଖଣ୍ଡପଡ଼ା ଶବର ସାହି ବସନ୍ତ ନାଏକ(୫୫)ଙ୍କ ଠାରୁ ୨୦ଲିଟର ଦେଶୀ ମଦ, କଣ୍ଟିଲୋ ଧୋବା ସାହିର ପବିତ୍ର ସେଠି (୫୨)ଙ୍କ ଠାରୁ ୨୪ ଲିଟର ଦେଶୀ ମଦ, ବେଣାଗାଡ଼ିଆ ସଡ଼କ ସାହି ମଧୁସୂଦନ ସାହୁ (୪୮)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ଖଳିସାହି ଗ୍ରାମ ତେଲିସାହି ସନ୍ତୋଷ ବେହେରା(୫୫)ଙ୍କଠାରୁ ୨୧ ଲିଟର ଦେଶୀମଦ ଜବତ ହୋଇଛି। ସମସ୍ତ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଖଣ୍ଡପଡ଼ା ଅବକାରୀ ବିଭାଗ ଓଆଇସି ଦୀପକ କୁମାର ଜେନା ସୂଚନା ଦେଇଛନ୍ତି। ଚଢ଼ଉବେଳେ ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମିତାରାଣୀ ନାଏକ ସହଯୋଗ କରିଥିଲେ।



# ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ରଣପୁର, ୬।୧୨(ସମିସ): ରଣପୁର ଥାନା ଅନ୍ତର୍ଗତ ବଜ୍ରକୋଟ ଗ୍ରାମ ଅସୁର କୁମାରୀ ଛକରେ ଦୁର୍ଘଟଣା ଘଟି ପୁଣି ଆଜି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ରଣପୁର ବଡ଼କୂଅ ସାହିର ମମତା ବେହେରା (୪୦)। ମମତା ତାଙ୍କ ପୁଅ ରଶ୍ମିରଞ୍ଜନଙ୍କ ସହ ବାଇକ୍ ଯୋଗେ ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ମମତା ତଳେ ପଡ଼ିଯିବା ପରେ ମୁଣ୍ଡ ଉପରେ ଗାଡି ଚଢି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ରଣପୁର ପୁଲିସ ପହଞ୍ଚି ମମତାଙ୍କୁ ରଣପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ



ନୟାଗଡ଼, ୬।୧୨(ସମିସ): ନୟାଗଡ଼ ରିଜର୍ଭ ପୁଲିସ ପଡ଼ିଆଠାରେ ଆଜି ୬୨ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଏସ୍‌ପି ଏସ.ସୁଶ୍ରୀ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଗୃହରକ୍ଷୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟ ମନ୍ତ୍ରୀ ପଠାଇଥିବା ବାର୍ତ୍ତାକୁ ମୁଖ୍ୟ ଅତିଥି ପଠନ କରିଥିଲେ। କାର୍ଯ୍ୟକ୍ରମରେ ପରେଡ କମାଣ୍ଡର ଅଶୋକ କୁମାର ସେଠୀ ପରେଡ ପରିଚାଳନା କରିଥିଲେ। ଦ୍ୱିତୀୟ କମାଣ୍ଡର ଭାବେ କୃଷ୍ଣଚନ୍ଦ୍ର ସାହୁ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ସନାତନ କାଲୋ, ଡିଆଇଜି ଡିଏସ୍‌ପି ଦିନେଶ କୁମାର ନାୟକ, ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ସମେତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗଣିଆ, ୬।୧୨(ସମିସ): ଗଣିଆ ବ୍ଲକ ସ୍ଥିତ ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟରେ ଅଗ୍ରପୂଜ୍ୟ ଗଜାନନ ଓ ବିଦ୍ୟାଦାତ୍ରୀ ମା' ବାଗ୍‌ଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପ୍ରଚେଷ୍ଟା ଓ ଉଦ୍ୟମରେ ନୂତନ ମନ୍ଦିର ନିର୍ମାଣ କରାଯାଇ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଗୁରୁବାର ଆୟୋଜିତ ଏହି ଉତ୍ସବରେ ପୂଜକ ପୂଜାର୍ଚ୍ଚନା ଓ ଯଜ୍ଞ ପରିଚାଳନା କରିଥିଲେ। ସ୍ଥାନୀୟ ବାସିନ୍ଦା ଓ ବହୁ ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ କରି ଦିଅଁଙ୍କୁ ଶୋଭାଯାତ୍ରାରେ ନେଇ ମନ୍ଦିରରେ ପ୍ରତିଷ୍ଠା କରିଥିଲେ। ଯଜ୍ଞାନୁଷ୍ଠାନରେ କର୍ତ୍ତା ଆହୁତି ପ୍ରଦାନ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ଭାବେ ଖଣ୍ଡପଡ଼ା ଗଡ଼ଜାତର ରାଜକୁମାର ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଯୋଗ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ସମ୍ପାଦକ, ଅଧ୍ୟକ୍ଷ ମଳୟ କୁମାର ପଣ୍ଡା, ଉପାଧ୍ୟକ୍ଷ ଉମାକାନ୍ତ ବେହେରାଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

■ ଓଡ଼ଗାଁ ବନ ବିଭାଗର ଚଢ଼ଉ

# ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଓ ସାମଗ୍ରୀ ଜବତ



ଓଡ଼ଗାଁ, ୬।୧୨(ସମିସ): ନୟାଗଡ଼ ଜିଲ୍ଲା ବନଖଣ୍ଡ ସହକାରୀ ବନ ସଂରକ୍ଷକ ସତ୍ୟଜିତ୍ କରଙ୍କ ସହିତ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲ୍ଲିକଙ୍କ ନେତୃତ୍ୱରେ ବନପାଳ ସରିତା ବରାଳ, ବନକର୍ମଚାରୀ ଏବଂ ମୋବାଇଲ ଏନ୍‌ଫୋର୍ସମେଣ୍ଟ ଟିମ, ସ୍କ୍ୱାଡ୍ ଟିମ୍ ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଓଡ଼ଗାଁ ଥାନା ଅର୍ନ୍ତଗତ ବାଉଁଶଗାଡ଼ିଆ ନିକଟସ୍ଥ ରଗଡ଼ିମଡା ଗ୍ରାମର ତିନୋଟି ସ୍ଥାନରେ ଚଢଉ କରିଥିଲେ। ଟିମ୍ବର ଡିପୋ ସହିତ ବିଭିନ୍ନ ସ୍ଥାନରୁ ଆନୁମାନିକ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାଠପଟା ସହିତ କାଠ କାମରେ ବ୍ୟବହୃତ ସରଞ୍ଜାମ ଜବତ କରିଥିଲେ। ସେଠାରେ ବେଆଇନ ଭାବେ ରହିଥିବା ଶାଳ, ଶାଗୁଆନ, ଆମ୍ବ, ବାବଲ ଇତ୍ୟାଦି ସାଇଜ ଓ କାଠ ପଟା ସହିତ ଅର୍ଦ୍ଧନିର୍ମିତ ଅନେକ କାଠସାମଗ୍ରୀ ଜବତ କରିଥିଲେ। ଜବତ କାଠ ଓ ସାମଗ୍ରୀ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯିବା ପରେ ଦୁଇଟି ମାଲଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ବନରକ୍ଷୀ ସୌମ୍ୟରଞ୍ଜନ ପ୍ରଧାନ, ଉଦ୍ଧବ ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ମାନସ ରଞ୍ଜନ ମିଶ୍ର, ଦୀପ୍ତିମୟୀ ରାଉତ ଚଢ଼ଉ ବେଳେ ସାମିଲ ରହିଥିଲେ। ସୂଚନା ଥାଉକି ୨ ଦିନ ତଳେ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ଗୋଡ଼ି ପଲ୍ଲୀଛକ ନିକଟରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୯ ଖଣ୍ଡ ଶାଳ ଗଣ୍ଡି ସହିତ ପିକ୍‌ଅପ୍ ଭ୍ୟାନ ଜବତ କରି ଡ୍ରାଇଭରକୁ ଗିରଫ କରାଯାଇଥିଲା।

ପ୍ରଗତିକୁ ରୋକିଛି ପ୍ରଶାସନ

# ବିଡିଓ ନାହାନ୍ତି, ଡେପୁଟେସନ୍‌ରେ ଗଲେ ଏବିଡିଓ

ଭାପୁର, ୬।୧୨(ସମିସ)

ପ୍ରଶାସନ କିପରି ଏକ ଅଞ୍ଚଳର ପ୍ରଗତିକୁ ରୋକିପାରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ। ଏହି ବ୍ଲକ ସବୁବେଳେ ପ୍ରଶାସନିକ ଅବହେଳାର ଶିକାର ହୋଇଆସୁଛି। ବର୍ତ୍ତମାନ ଭାପୁର ବ୍ଲକ ମୁରବି ବିହୀନ ପାଲଟି ଯାଇଛି। ବିଡିଓ ରଣଜିତ୍ କୁମାର ମଲ୍ଲିକ ଅଗଷ୍ଟ ୩୧ରୁ ବଦଳି ହୋଇ ଯାଜପୁର ଜିଲ୍ଲା ଦାନଗଦୀକୁ ଚାଲିଗଲେଣି। ଏହାପରେ ଏବିଡିଓ ସରୋଜ କୁମାର ନାୟକ ବ୍ଲକ କାର୍ଯ୍ୟ ସମ୍ଭାଳିଥିଲେ। ମାତ୍ର ସେ ମଧ୍ୟ ଭୁବନେଶ୍ୱରକୁ ଦୁଇଦିନ ହେଲା ଡେପୁଟେସନରେ ଚାଲି ଯାଇଛନ୍ତି। ବର୍ତ୍ତମାନ ଭାପୁର ବ୍ଲକରେ ବିଡିଓ, ଏବିଡିଓ ପଦବୀ ଖାଲି ପଡ଼ିଛି। ଭାପୁର ତହସିଲଦାର ନିଜ କାର୍ଯ୍ୟ ସହ ଅତିରିକ୍ତ ଦାୟିତ୍ୱ ଭାବେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟ କରି ଅଣନିଃଶ୍ୱାସୀ ହୋଇ ରହିଥିଲାବେଳେ ତାଙ୍କୁ ତୃତୀୟ ଦାୟିତ୍ୱ ଭାବେ ଭାପୁର ବିଡିଓଙ୍କ କାର୍ଯ୍ୟ ଭାର ଦିଆଯାଇଛି। ଜଣେ ବ୍ୟକ୍ତି କିପରି ତିନି ତିନୋଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳି କାର୍ଯ୍ୟ କରିବେ ତାହା ସମୟ କହିବ। ଜିଲ୍ଲା ପ୍ରଶାସନ ଭାପୁର ବ୍ଲକରେ ବିଡିଓ ଓ ଏବିଡିଓ ନଥିଲାବେଳେ କିପରି ଓ କେଉଁ ଉଦ୍ଦେଶ୍ୟରେ ଏବିଡିଓଙ୍କୁ ରିଲିଭ କରିଦେଲେ ତାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦୀର୍ଘ ଦିନହେଲା ଭାପୁର ବ୍ଲକକୁ ବିଧାୟକ ବିଡିଓଟିଏ ଆଣିପାରିନଥିବାବେଳେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷା ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ବ୍ଲକ ପ୍ରଗତିରେ ବାଧକ ସାଜିଛି। ଏପରିକି ବର୍ତ୍ତମାନ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୧୬ କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ି ରହିବା ଓ ଏନେଇ ଜିଲ୍ଲା ପ୍ରଶାସନ ଚୁପ୍ ହୋଇ ବସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରିକି ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ସହ ବିଧାୟକ ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ବସି ଖଣ୍ଡପଡ଼ାଠାରେ ବ୍ଲକର ଉନ୍ନତି ବିଷୟରେ ସମୀକ୍ଷା କରିବାବେଳେ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହେବା ଓ ଏହାର ସମାଧାନ ଜିଲ୍ଲାପାଳ ନକରିପାରିବାର ଦୁର୍ଦ୍ଦଶା ଭୋଗୁଛନ୍ତି ବ୍ଲକବାସୀ। ଏତିକିରେ କଥା ନସରି ଅଧ୍ୟକ୍ଷା ଗୋଷ୍ଠୀ କାର୍ଯ୍ୟ କରିଥିବା କିଛି କାର୍ଯ୍ୟ ଉପରେ ବିଧାୟକ ସମର୍ଥକ ଜିଲ୍ଲାପାଳଙ୍କୁ ଫେରାଦ ହେବା ଓ ବିଧାୟକ ଗୋଷ୍ଠୀ କାର୍ଯ୍ୟ କରିଥିବା କିଛି କାର୍ଯ୍ୟ ଉପରେ ଅଧ୍ୟକ୍ଷା ଗୋଷ୍ଠୀ ପ୍ରଶାସନ ନିକଟରେ ଫେରାଦ ହେବା ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ଉନ୍ନୟନ କାର୍ଯ୍ୟ କରିବା ପରିବର୍ତ୍ତେ ଏହି ଅଭିଯୋଗ ତଦନ୍ତ କରି କରି ଅଯଥାରେ ସମୟ ଅପଚୟ କରୁଛି। ଜିଲ୍ଲାପାଳ ତୁରନ୍ତ ଏହି ଦୁଇ ପରସ୍ପର ରାଜନୈତିକ ଗୋଷ୍ଠୀଙ୍କ ମଧ୍ୟରେ ସେତୁବନ୍ଧ ତିଆରି ନକଲେ ଭାପୁର ବ୍ଲକର ପ୍ରଗତି ୧୦ବର୍ଷ ପଛକୁ ଫେରିଯିବ ବୋଲି ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଆଲୋଚନା ହେଉଛି।

ଶିକ୍ଷକଙ୍କ ବଦଳି ବାତିଲ ଦାବି

# ସ୍କୁଲ୍‌ରେ ତାଲା; ଧାରଣାରେ ଛାତ୍ରଛାତ୍ରୀ





**ବେଗୁନିଆ,୬।୧୨(ସମିସ)**

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡେପୁଟେସନ୍‌ରେ ଥିବା ଶିକ୍ଷକଙ୍କୁ ବଦଳି ନ କରିବା ଦାବିରେ ଶୁକ୍ରବାର ଗ୍ରାମବାସୀ ସ୍କୁଲ ସମ୍ମୁଖ ଫାଟକରେ ତାଲା ପକାଇବା ସହ ଛାତ୍ରଛାତ୍ରୀମାନେ ଧାରଣାରେ ବସି ପ୍ରତିବାଦ କରିଛନ୍ତି। ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିଷ୍ପତ୍ତିକୁ ନେଇ ଅଭିଭାବକ ମହଲରେ ଚାପା ଅସନ୍ତୋଷ ଦେଖା ଦେଇଛି। ଏପରିକି ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ମଧ ବହୁ ବିଳମ୍ବରେ ଦିଆଯାଇଥିଲା।

ସୂଚନା ଅନୁଯାୟୀ, ଡେପୁଟେସନରେ ଥିବା ଶିକ୍ଷକଙ୍କୁ ବଦଳି ନ କରିବା ପାଇଁ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ଗତ ନଭେମ୍ବର ୪ ତାରିଖରେ ଅଭିଯୋଗ କରିଥିଲେ। ତେବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗତ ୨ ତାରିଖ ଚିଠି ନଂ ୨୫୦୫ରେ ସମ୍ପୃକ୍ତ ଶିକ୍ଷକଙ୍କ ଡେପୁଟେସନ ଅର୍ଡରକୁ ବାତିଲ କରି ନିଜ ସ୍କୁଲକୁ ଫେରିଯିବା ପାଇଁ ଚିଠି କରିଛନ୍ତି। ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ୬ଷ୍ଠ, ୭ମ ଶ୍ରେଣୀ ଥିବା ଯୋଗୁଁ ସେଠାରେ ୩ ଜଣ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ବବିତା ନାୟକ ଓ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟ କରୁଥିଲେ। ବିଶ୍ୱରଞ୍ଜନ ବେହେରାଙ୍କୁ ସିଆର୍‌ସିସି କରି ପଠାଇବା ପରେ ଶିକ୍ଷାଦାନ ବ୍ୟାହତ ହୋଇଥିଲା। ଫଳରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଉତପଡାର ଶିକ୍ଷକ ଦେବାଶିଷ ପୃଷ୍ଟିଙ୍କୁ ଗୋଡା ଗ୍ରାମସ୍ଥିତ ବିଦ୍ୟାଳୟକୁ ଡେପୁଟେସନରେ ପଠାଇଥିଲେ। ସେଠାରେ ତାଙ୍କର ଶିକ୍ଷାଦାନ କରିବା ଯୋଗୁଁ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ମଧ୍ୟରେ ବେଶ ଆଦୃତି ଲାଭ କରିଥିବାରୁ ଜନସାଧାରଣ ଓ ବିଦ୍ୟାଳୟ ପରିଚାଳନା କମିଟି ତାଙ୍କୁ ସ୍ଥାନାନ୍ତର ନ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କାହା ସ୍ୱାର୍ଥରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହାକୁ ଗୁରୁତ୍ୱ ନ ଦେଇ ସମ୍ପୃକ୍ତ ଶିକ୍ଷକଙ୍କୁ ନେବା ପାଇଁ ନିର୍ଦ୍ଦେଶ ଜାରି କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହାର ପ୍ରତିବାଦରେ ଆଜି ଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆରତ ପରିଡାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟି କର୍ମକର୍ତ୍ତାମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟ ଆଗରେ ରାସ୍ତା ଉପରେ ଧାରଣାରେ ବସି ରହିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଆର୍‌ସିସିଙ୍କ ମାଧ୍ୟମରେ କଥାବାର୍ତ୍ତା କରି ତାଙ୍କ କାର୍ଯ୍ୟାଳୟକୁ ଡାକିଥିଲେ। ଫଳରେ ଦିନ ୧ଟା ସମୟରେ ବିଦ୍ୟାଳୟର ତାଲା ଖୋଲାଯାଇ କମିଟିର ସଭାପତି ଶ୍ରୀ ପରିଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଯାଇଥିଲେ। କିନ୍ତୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ଜିଦରେ ଅଟଳ ରହିବା ଯୋଗୁଁ ପରିଚାଳନା କମିଟି ସଭାପତି ଆରତ ପରିଡାଙ୍କ ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଫେରିବା ସହିତ ଆସନ୍ତାକାଲି ପୁନଶ୍ଚ ବିଦ୍ୟାଳୟରେ ତାଲା ପକାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଇଓ ଭାସ୍କର ଲେଙ୍କାଙ୍କୁ ପଚାରିବାରେ ଶିକ୍ଷକ ଜଣକ ଏଭଳି କରିଛନ୍ତି ବୋଲି କହିଥିଲେ।

## ଷଣ୍ଢକୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

**ଜଟଣୀ,୬।୧୨(ସମିସ):** ଗୁରୁବାର ରାତି ୨ଟାରେ ରାସ୍ତାରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଷଣ୍ଢକୁ ଧକ୍କାଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜଟଣୀ ଥାନା ଅନ୍ତର୍ଗତ କୁମାରଖାଟିଆ ଗ୍ରାମର ମୋହନ ପାଙ୍ଗଶାଣୀ ଗତକାଲି ରାତି ପ୍ରାୟ ୨ଟା ସମୟରେ ନିଜ ଘର କୁମାରଖାଟିଆକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ସ୍ଥାନୀୟ ଟାଉନ ହଲ୍‌ଠାରେ ଏକ ଷଣ୍ଢ ସହିତ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଜଟଣୀ ମେଡିକାଲ ନିଆଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ସୀମା ସୁରକ୍ଷାବଳ ଗାଡ଼ିରେ ନିଆଁ



**ଜଟଣୀ,୬।୧୨(ସମିସ):** ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟାଠାରେ ଥିବା ସୀମା ସୁରକ୍ଷାବଳର ଏକ ଭ୍ୟାନରେ ଆଜି ଭୋର୍ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନିଆଁ ଲାଗିଯାଇଥିବା ସୂଚନା ମିଳିଛି। ଏହି ଗାଡ଼ି ଜଟଣୀସ୍ଥିତ ଖୋର୍ଦ୍ଧା ରୋଡ ରେଳ ଷ୍ଟେସନକୁ ଜଣେ ଅଧିକାରୀଙ୍କୁ ଆଣିବା ପାଇଁ ଯାଇଥିଲା। ଉକ୍ତ ଭ୍ୟାନ ସାହାଯ୍ୟରେ ଆସୁଥିବା ବେଳେ ସ୍ଥାନୀୟ ହରିଭାଇନା ଛକଠାରେ ଗାଡ଼ିରୁ ଧୂଆଁ ବାହାରିବା ସହ ସେଥିରେ ନିଆଁ ବ୍ୟାପୀ ଯାଇଥିଲା। ଖବର ପାଇ ଜଟଣୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ଼ ଘଟଣାରେ କଲମଛାଡ଼ ଆନ୍ଦୋଳନ



**ବୋଲଗଡ଼, ୬।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକର ସୋରଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ଼ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ସ୍ଥାନୀୟ ବ୍ଲକ ସମସ୍ତ ଗ୍ରାମ ପଞ୍ଚାୟତର ୧୬ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ କଲମ ଛାଡ଼ ଆନ୍ଦୋଳନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ ୫ଟା ପର୍ଯ୍ୟନ୍ତ କଲମଛାଡ଼ ଆନ୍ଦୋଳନରେ ବସିବା ଫଳରେ ବ୍ଲକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବୋଲଗଡ଼ ବ୍ଲକ ଏବିଡିଓ ରତିକାନ୍ତ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି।

## ଖୋର୍ଦ୍ଧା ଜିଲ୍ଲାପରିଷଦ ପ୍ରତିନିଧିମଣ୍ଡଳୀଙ୍କ ଚିଲିକା ଗସ୍ତ

**ବାଲୁଗାଁ,୬।୧୨(ସମିସ):** ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ପରିଷଦର ଏକ ପ୍ରତିନିଧିମଣ୍ଡଳୀ ଏସିଆ ମହାଦେଶର ସର୍ବବୃହତ୍ତମ ଲବଣା ହ୍ରଦ ଚିଲିକା ଗସ୍ତରେ ଆସିଥିଲେ। ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହଙ୍କ ନେତୃତ୍ୱରେ ଆସି ଥିବା ପ୍ରତିନିଧି ଦଳ ବାଲୁଗାଁସ୍ଥିତ ବନ୍ୟଜନ୍ତୁ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସଭା ଗୃହରେ ଜଙ୍ଗଲ, ବନ୍ୟଜନ୍ତୁ ଓ ପରିବେଶ ସୁରକ୍ଷା ବିଭାଗ ବାଲୁଗାଁ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ରେଞ୍ଜର ରସ୍ମିତା ଜେନା ଜିଲ୍ଲାପରିଷଦ ସଦସ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଚିଲିକା ହ୍ରଦ ସମ୍ପର୍କରେ ସୂଚନା ଦେଇଥିଲେ। ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ଦାସ ପ୍ରମୁଖଙ୍କ ସହ ପ୍ରତିନିଧି ଦଳର ସଦସ୍ୟମାନେ ଚିଲିକାର ମତ୍ସ୍ୟଜୀବୀମାନଙ୍କୁ ଯୋଗାଇ ଦିଆ ଯାଉଥିବା ବିଭିନ୍ନ ଜନହିତକର ଯୋଜନା ଓ ବନଖଣ୍ଡ ତରଫରୁ ଚିଲିକାକୁ ଆସୁଥିବା ପକ୍ଷୀମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା ଯୋଗଦେଇ ଚିଲିକା ହ୍ରଦ ପାଇଁ ଆଜି ସମଗ୍ର ଏସିଆ ମହାଦେଶରେ ଆମ ଅଞ୍ଚଳ ବେଶ ପରିଚିତ, ତେଣୁ ଏହାର ସୁରକ୍ଷା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ପରେ ସଦସ୍ୟମାନେ ଚିଲିକା ହ୍ରଦ ଓ ମା' କାଳିଜାଇ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧକ୍ଷା ଓ ଉପାଧକ୍ଷଙ୍କ ସହ ସଦସ୍ୟ ପ୍ରକାଶ ସାହୁ, ପ୍ରଦୀପ୍ତ ଛୋଟରାୟ, ବିଜୟ ପାଲଟାସିଂହ, ସବିତା ସୁନ୍ଦରାଏ, ଅନୁସୂୟା ବେହେରା, ତନୁଜା ପାଙ୍ଗଶାଣୀ, ସୁବାସ ରାୟଗୁରୁ, ମମତା ପାଇକରାୟ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

## ମାଙ୍କଡ଼ ଆକ୍ରମଣରେ ମହିଳା ଗୁରୁତର

**ଟାଙ୍ଗୀ,୬।୧୨(ସମିସ):** ଆଜି ସକାଳେ ମାଙ୍କଡ଼ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡ଼ିଛି। ସେ ହେଲେ, ବାସନ୍ତୀ ଦେଇ। ଚାନ୍ଦପୁର ଥାନା ଅଧୀନସ୍ଥ ଚମ୍ପାଗଡ଼ ପଞ୍ଚାୟତ ବେଣ୍ଟ ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମର ଯୁଧିଷ୍ଠିର ପରିଡ଼ାଙ୍କ ପତ୍ନୀ ବାସନ୍ତୀଙ୍କୁ ପାଗଳ ମାଙ୍କଡ଼ଟି କାମୁଡ଼ି ଦେଇଥିଲା। ତାଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ଗତ ୧ ତାରିଖ ରବିବାର ଦିନ ମଧ ଏକ ମାଙ୍କଡ଼ କାମୁଡ଼ାରେ ଜଣେ ୬ବର୍ଷର ବାଳକ ଗୁରୁତର ହୋଇଥିଲା। ବନ ବିଭାଗ ତୁରନ୍ତ ପାଗଳା ମାଙ୍କଡ଼କୁ କାବୁ କରିବାକୁ ସାଧାରଣରେ ଦାବି ହେଉଛି।

## ୨ ମୃତ ବିଦେଶାଗତ ପକ୍ଷୀ ଜବତ; ଜଣେ ଗିରଫ



**ଟାଙ୍ଗୀ/କାଲୁପଡ଼ାଘାଟ,୬।୧୨(ସମିସ):** ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧୀନସ୍ଥ ବାଲିନାସୀଠାରେ ଆଜି ଚଢ଼ଉ କରାଯାଇ ଦୁଇଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବାଲିନାସି ଗ୍ରାମର ଅର୍ଜୁନ ଘଡେଇ(୭୫) କଇଁଫୁଲ ନାଡ଼ରେ ବିଷ ପକେଇ ବିଦେଶୀ ପକ୍ଷୀ ଶିକାର କରୁଥିଲା। ବନ୍ୟପ୍ରାଣୀ ବିଭାଗ ଆଜି କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିବା ସହ ତା' ପାଖରୁ ଦୁଇଟି ମୃତ ବିଦେଶୀ ପକ୍ଷୀ ଜବତ କରିଥିଲା। ଏହା ସହ ଏକ ତେଣ୍ଟା ଓ ବିଷ ଜବତ ହୋଇଛି। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଷ୍ଟାଫ ସ୍ୱାଗତିକା ବିଶ୍ୱାଳ, ଶୁକଦେବ ପ୍ରଧାନ, ରତିକାନ୍ତ ନାୟକ, ଦେବାଶିଷ ସାହୁ, ସୁକାନ୍ତ ସ୍ୱାଇଁ ଏହି ଚଢ଼ଉରେ ସାମିଲ ହୋଇଥିଲେ।

## ପାଗଳ କୁକୁର କାମୁଡ଼ାରେ ୫ ଶିଶୁ ଗୁରୁତର

**ବାଣପୁର,୬।୧୨(ସମିସ):** ବାଣପୁର-ବାଲୁଗାଁ ଅଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏପରିସ୍ଥଳେ ଗୁରୁବାର ବାଣପୁର ଏନ୍‌ଏସି ଅଞ୍ଚଳରେ ପାଗଳ କୁକୁର କାମୁଡ଼ାରେ ୫ ଜଣ ଶିଶୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ, ବାଣପୁର ଏନ୍‌ଏସି ଅନ୍ତର୍ଗତ ୬ନଂ ୱାର୍ଡ ଅନ୍ତର୍ଗତ ଦାଶହର ସାହିର ମାନସ ସାହୁଙ୍କ ୫ ବର୍ଷର କନ୍ୟା ଖୁସି, ବିଜୟ ଦାଶ, କିଶୋର ପ୍ରଧାନ ଓ ଡଲି ଦାଶ। ଖୁସିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି।

କୁମାରବସ୍ତ ଲୋକନାଥ କ୍ରିକେଟ୍

## ଯାଁଳା ଓ ଭାଲିଆବାଡ଼ି ବିଜୟୀ

**ଖୋର୍ଦ୍ଧା,୬।୧୨(ସମିସ):** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଜିର ପ୍ରଥମ ମ୍ୟାଚ୍‌ରେ ଯାଁଳା ଦଳ ବାଙ୍କୀ ଦଳକୁ ୩୧ ରନ୍‌ରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ଯାଁଳା ଦଳ ବ୍ୟାଟିଂ କରିବା ସହ ୧୯୪ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ଶତକୀୟ (୧୩୦ ରନ୍) ଇନିଂସ ଖେଳିଥିଲେ। ଜବାବରେ ବାଙ୍କୀ ଦଳ ଆଲୋକ ବେହେରାଙ୍କ ୬୧ ରନ୍ ଓ ସାଗର ବେହେରାଙ୍କ ୪୭ ରନ୍ ବଳରେ ୧୨ ଓଭରରେ ୫ଟି ୱିକେଟ୍ ହରାଇ ୧୬୩ ରନ୍‌ରେ ସୀମିତ ରହିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଭାଲିଆବାଡି ଦଳ କଳିଙ୍ଗ ଖୋର୍ଦ୍ଧା ଦଳକୁ ୩ ରନ୍‌ରେ ପରାସ୍ତ କରିଛି। ଭାଲିଆବାଡି ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ କଳିଙ୍ଗ ଦଳ ୨୦ ଓଭରରେ ୬ଟି ୱିକେଟ ହରାଇ ୧୬୫ ରନ୍‌ରେ ସୀମିତ ରହିଥିଲେ। ଆଜିର ମ୍ୟାଚ୍‌ରେ ଅତିଥିଭାବେ ୱାଣ୍ଡରେଲାର କ୍ୟାସ ମ୍ୟାନେଜର ସତ୍ୟରଞ୍ଜନ ବେହେରା ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଅଭିଷେକ ପଟ୍ଟନାୟକଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ସମାଜସେବୀ ଜିତେନ୍ଦ୍ର ସେନାପତି ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଅଜିତ୍ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିଆରସିଂହ ପରିଚାଳନା କରିଥିଲେ।



## ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**ବାଣପୁର,୬।୧୨(ସମିସ):** ବାଣପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ ଉପେନ୍ଦ୍ର ବିଦ୍ୟାପୀଠ ତରଫରୁ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଖେଳ ପଡିଆରେ ଆୟୋଜିତ ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ମାନେ ସ୍ଥାନୀୟ ଭବାନୀ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଶେଷରେ ଖେଳ ପଡିଆରେ ପହଞ୍ଚି ମଶାଲ ସ୍ଥାପନା କରିଥିଲେ। ଏହି କ୍ରୀଡା ଉତ୍ସବରେ ଦୌଡ଼, ଜାଭଲିନ ଥ୍ରୋ, ସଟପୁଟ୍ ଥ୍ରୋ, ସ୍ଲୋ ସାଇକେଲ ରେସ, ଅଖା ଡିଆଁ, ମ୍ୟୁଜିକ ଚେୟାର ଆଦି ୧୫ଟି ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡ଼ା ଉତ୍ସବକୁ ବରିଷ୍ଠ ଶିକ୍ଷକ ଶିଶିର ଦାସ, ଶିକ୍ଷକ ସମର କେଶରୀ ଜେନା, ରାଜ କିଶୋର ରାଉତରାୟ, ମହେଶ୍ୱର ଜେନା, ସଂଜିତ ସେଠୀ, ଜିତେନ୍ଦ୍ର ସ୍ୱାଇଁ, ସତ୍ୟ ନାୟକ, ପୁଷ୍ପଲତା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଭବାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କାର ବିତରଣ କରାଯିବ ବୋଲି ଘୋଷଣା କରିଥିଲେ।





ଗୃହରକ୍ଷୀ ପ୍ରତିଷ୍ଠା ଦିବସ

## ଗୃହରକ୍ଷୀଙ୍କ ସେବା ଓ ସମର୍ପଣ ପ୍ରଶଂସନୀୟ



**ଖୋର୍ଦ୍ଧା,୬।୧୨(ସମିସ):** ତରତୁଆସ୍ଥିତ ରିର୍ଜଭ ପୁଲିସ ପଡ଼ିଆରେ ୬୨ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହରକ୍ଷୀ ବାହିନୀ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରିଥିଲେ। ଏଥିସହିତ ସାମାଜିକ ବିଶୃଙ୍ଖଳା, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ସମେତ ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ଗୃହରକ୍ଷୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ।

ଗୃହରକ୍ଷୀଙ୍କ ସେବା ଓ ସମର୍ପଣ ଭାବ ଉଚ୍ଚ ପ୍ରଶଂସନୀୟ ବୋଲି କହିଥିଲେ। ଖୋର୍ଦ୍ଧା ଜିଲ୍ଲାରେ ୧୭୧ ଜଣ ଗୃହରକ୍ଷୀ ସ୍ୱେଚ୍ଛାକୃତ ସେବାରେ ନିୟୋଜିତ ଅଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଅନାଦୀ ସେଠୀ, ଶ୍ରୀନିବାସ ମହାନ୍ତି, ଡିଏସପି (ମୁଖ୍ୟାଳୟ) ଅନୀଲ ମହାନ୍ତି, ଆଦର୍ଶଥାନା ଅଧିକାରୀ ସଞ୍ଜୟ ନାୟକ, ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଏସଆଇ(ଆର୍ମଡ) ସୌମ୍ୟରଞ୍ଜନ ବରାଳଙ୍କ ସମେତ ବହୁ ପୁଲିସ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଭେଣ୍ଡିଂ ଜୋନ୍ ଲଟେରୀକୁ ବ୍ୟବସାୟୀଙ୍କ ବିରୋଧ

**ଖୋର୍ଦ୍ଧା,୬।୧୨(ସମିସ)**



ପୌର ପ୍ରଶାସନ ପକ୍ଷରୁ ଟିଏଲ୍‌ସି ରାସ୍ତାରେ ଟିଣରେ ନବନିର୍ମିତ ଭେଣ୍ଡିଂଜୋନ୍‌କୁ ଆବଣ୍ଟନକୁ ବିରୋଧ କରିଛି ବ୍ୟବସାୟୀ ମହାସଂଘ। ଆଜି ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ନବନିର୍ମିତ ଭେଣ୍ଡିଂ ଜୋନ୍ ଆବଣ୍ଟନ ନିମନ୍ତେ ଲଟେରୀ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ବ୍ୟବସାୟୀ ମହାସଂଘ ବର୍ଜନ କରିଥିଲା। ମନଇଚ୍ଛା ଏକ କମିଟି ପ୍ରସ୍ତୁତ କରି କ୍ୟାବିନ ବଣ୍ଟନ କରିଥିବାରୁ କେହି ଅଂଶଗ୍ରହଣ କରିନଥିଲେ। ଫଳରେ ପୌରନିର୍ବାହୀ ଅଧିକାରୀ ଓ ପ୍ରଶାସନ ମନଇଚ୍ଛା ଲଟେରୀ ଉଠାଣ କରି ଫେରିଥିବା ଅଭିଯୋଗ ହୋଇଛି।

ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ତରଫରୁ ଗଠନ ହୋଇଥିବା ଭେଣ୍ଡିଂ ଜୋନ୍ କମିଟିକୁ ବିରୋଧ କରିଛନ୍ତି ବ୍ୟବସାୟୀ ସଂଘ। ଅଘୋଷିତ ସଦସ୍ୟଙ୍କୁ ନେଇ କମିଟି ଗଠନ କରାଯାଇଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। କମିଟିରେ ପୁରୁଣା ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘର ସଦସ୍ୟ ଭାବେ ଉଲ୍ଲେଖ ଥିବା ଜ୍ୟୋତିପ୍ରକାଶ ମହାନ୍ତି ଘଟଣା ସମ୍ପର୍କରେ କିଛି ଜାଣି ନଥିବା ପ୍ରକାଶ କରିଥିବାବେଳେ ଏନେଇ ସେ ଲିଖିତ ଭାବରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିବା ଜଣାପଡ଼ିଛି। ତେବେ ଜ୍ୟୋତି ପ୍ରକାଶ ମହାନ୍ତି ମଧ ଲଟେରୀ କାର୍ଯ୍ୟକ୍ରମରେ ଯୋଗଦେଇ ନଥିବା ଜଣାଯାଇଛି। ସେହିପରି ମେଡିକାଲ ରୋଡର ଜଣେ ବ୍ୟବସାୟୀଙ୍କ ନାମ କମିଟିରେ ରଖାଯାଇଥିଲେ ମଧ ତାଙ୍କୁ ନେଇ ଦେଖାଦେଇଛି ବିବାଦ। ମହାସଂଘ ଭାଙ୍ଗିବା ଲାଗି ପୌରପ୍ରଶାସନ ସମେତ କିଛି କୁଚକ୍ରୀ ହୀନଚକ୍ରାନ୍ତ କରୁଥିବା ଅଭିଯୋଗ ହେଉଛି। ତେବେ ଉକ୍ତ କମିଟିରେ ୯ ଜଣ ରହିଥିବାବେଳେ ୨ ଜଣଙ୍କୁ ବାଦଦେଲେ ପୌରାଞ୍ଚଳରେ କାହାର କ୍ୟାବିନ ଟିଏ ନଥିବା ଅଭିଯୋଗ ହୋଇଛି। ତେବେ ଆଜି ୧୬୬ଟି ଦୋକାନ ନିମନ୍ତେ ଲଟେରୀ ଉଠାଯାଇଛି।

### ସାମିଲ ହେଲାନି ମହାସଂଘ

ଏହି ବାବଦକୁ ଯେଉଁମାନେ ପୂର୍ବରୁ ୩ ହଜାର ଦେଇଛନ୍ତି ସେମାନଙ୍କୁ ବାଦଦେଇ ଅନ୍ୟ ବ୍ୟବସାୟୀ ଦୁଇଟି କିସ୍ତିରେ ୬ମାସ ଭିତରେ ୨୨ହଜାର ଟଙ୍କା ପ୍ରଦାନ କରିବେ ଏବଂ ପ୍ରତି ମାସରେ ଭଡା ବାବଦକୁ ୪୦ ଟଙ୍କା ଦେବା ପାଇଁ ଧାର୍ଯ୍ୟ କରାଯାଇଛି। ପ୍ରଥମ ଦୁଇମାସ ଛାଡ କରାଯିବ ବୋଲି ପୌର ଅଧିକାରୀ ରିଜିୱାନା କଅକବ ପ୍ରକାଶ କରିଛନ୍ତି। ତେବେ କମିଟି ସମସ୍ତଙ୍କ ଜ୍ଞାତସାରରେ କରାଯାଇଛି ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

